# NATIONAL NEWS BULLETIN (ODIA)

**23 October - 2024**

**Morning Bulletin : 7.15 a.m.**

*********************************

## ମୁଖ୍ୟ ସମ୍ବାଦ

- ବ୍ରିକ୍ସ ଶିଖର ସମ୍ମିଳନୀ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ମଧ୍ୟରେ ଆଜି ହେବ ଦ୍ୱିପାକ୍ଷିକ ଆଲୋଚନା ।

- ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଜେ.ଏମ୍.ଏମ୍. ଏବଂ ଆର୍.ଜେ.ଡି. ଘୋଷଣା କଲେ ପ୍ରଥମ ପର୍ଯ୍ୟାୟ ପ୍ରାର୍ଥୀ ତାଲିକା ।

- ସାମୁଦ୍ରିକ ଝଡ଼ରେ ଆଜି ପରିବର୍ତ୍ତିତ ହେବ ପୂର୍ବ ଏବଂ କେନ୍ଦ୍ରୀୟ ବଙ୍ଗୋପସାଗରରେ କେନ୍ଦ୍ରୀଭୂତ ଅବପାତ ।

– ସମ୍ଭାବ୍ୟ ବାତ୍ୟା ନେଇ ୯ଟି ଜିଲ୍ଲାରେ ମନ୍ତ୍ରୀଙ୍କୁ ନିରୀକ୍ଷଣ ଦାୟିତ୍ୱ ପ୍ରଦାନ କଲେ ମୁଖ୍ୟମନ୍ତ୍ରୀ ।

- ଶ୍ରୀ କର୍ତ୍ତାରପୁର ସାହିବ କରିଡ଼ର ଚୁକ୍ତିର ସମୟସୀମାକୁ ଆଉ ୫ ବର୍ଷ ବୃଦ୍ଧି କରିବାକୁ ଭାରତ-ପାକିସ୍ତାନ ସହମତ ।

ଏବଂ

- ଭାରତ ଓ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ହକି ପ୍ରତିଯୋଗିତା ଆଜିଠୁ ଆରମ୍ଭ ।

# ପ୍ରଧାନମନ୍ତ୍ରୀ-ବ୍ରିକ୍ସ

ରୁଷର କାଜାନ ଠାରେ ଚାଲିଥିବା ବ୍ରିକ୍ସ ଶିଖର ସମ୍ମିଳନୀ ଅବସରରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଚୀନ୍ ରାଷ୍ଟ୍ରପତି ସି ଜିନ୍‌ପିଙ୍ଗ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ପ୍ରକୃତ ନିୟନ୍ତ୍ରଣ ରେଖା ନିକଟବର୍ତ୍ତୀ ଅଞ୍ଚଳରେ ସୁରକ୍ଷା ବ୍ୟବସ୍ଥା ନେଇ ଦୁଇ ଦେଶ ମଧ୍ୟରେ ବୁଝାମଣା ହୋଇଥିବା ପରିପ୍ରେକ୍ଷୀରେ ଏହି ବୈଠକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି । ଗତ ୫ ବର୍ଷ ମଧ୍ୟରେ ଦୁଇ ନେତା ପ୍ରଥମଥର ପାଇଁ ପରସ୍ପର ସହ ଆଲୋଚନା କରିବେ । ବ୍ରିକ୍ସ ଅଧିବେଶନକୁ ପ୍ରଧାନମନ୍ତ୍ରୀ ସମ୍ବୋଧନ କରିବେ । ରୁଷ ଏବଂ ଇରାନ୍ ରାଷ୍ଟ୍ରପତିଙ୍କ ସହ ଶ୍ରୀ ମୋଦୀ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି । ସମସ୍ୟାର ଶାନ୍ତିପୂର୍ଣ୍ଣ ସମାଧାନ ଉପରେ ଆଲୋଚନା ବେଳେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଛନ୍ତି । ରୁଷିଆ-ୟୁକ୍ରେନ୍ ବିବାଦରେ ଶାନ୍ତିପୂର୍ଣ୍ଣ ସମାଧାନ ଦିଗରେ ଭାରତ ସହାୟତା ପ୍ରଦାନ କରିବାକୁ ପ୍ରସ୍ତୁତ ଅଛି ବୋଲି ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ବେଳେ କହିଛନ୍ତି ।

ବୈଦେଶିକ ସଚିବ ବିକ୍ରମ ମିଶ୍ରି ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, ଇରାନ୍ ରାଷ୍ଟ୍ରପତି ମାସୁଦ୍ ପେଜେସ୍କିୟାନ୍‌ଙ୍କ ସହ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା କରିଛନ୍ତି । ଉତ୍ତେଜନା ହ୍ରାସ ପାଇଁ ଆଲୋଚନା ଏବଂ କୂଟନୈତିକ ଆବଶ୍ୟକତା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ଆଫ୍‌ଗାନିସ୍ତାନବାସୀଙ୍କୁ ମାନବିକ ସହାୟତା ଜାରି ରଖିବା ସହିତ ସେହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ବଜାୟ ରଖିବା ଉପରେ ଦୁଇ ନେତା ଗୁରୁତ୍ୱ ପ୍ରଦାନ

କରିଥିଲେ । ଇରାନ୍ ସହ ଦ୍ୱିପାକ୍ଷିକ ସମ୍ପର୍କକୁ ସୁଦୃଢ଼ କରିବା ପାଇଁ ଭାରତର ପ୍ରତିବଦ୍ଧତାକୁ ଶ୍ରୀ ମୋଦୀ ଆଲୋଚନା କାଳରେ ଦୋହରାଇଥିଲେ । ଚବାହାର ବନ୍ଦର ଏବଂ ଆନ୍ତର୍ଜାତିକ ଉତ୍ତର-ଦକ୍ଷିଣ ପରିବହନ କରିଡ଼ର ସମେତ ଦୁଇ ଦେଶ ମଧ୍ୟରେ ସହଯୋଗର ପ୍ରମୁଖ କ୍ଷେତ୍ର ଉପରେ ଦୁଇ ନେତା ଆଲୋଚନା କରିଥିବା ଶ୍ରୀ ମିଶ୍ର ସୂଚନା ଦେଇଛନ୍ତି ।

## ଝାଡ଼ଖଣ୍ଡ-ଇଲେକ୍ସନ୍

ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଜେ.ଏମ୍.ଏମ୍. ଏବଂ ଆର୍.ଜେ.ଡି. ତାଙ୍କର ପ୍ରଥମ ପର୍ଯ୍ୟାୟ ପ୍ରାର୍ଥି ତାଲିକା ଘୋଷଣା କରିଛନ୍ତି । ଜେ.ଏମ୍.ଏମ୍. ୩୫ ଜଣ ଏବଂ ଆର୍.ଜେ.ଡି. ୬ ଜଣ ପ୍ରାର୍ଥିଙ୍କ ନାମ ଘୋଷଣା କରିଛି । ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚାର କାର୍ଯ୍ୟକାରୀ ସଭାପତି ତଥା ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍ ବରହେଟ୍ ଆସନରୁ ନିର୍ବାଚନ ଲଢ଼ିବାକୁ ଥିବା ବେଳେ ବାଚସ୍ପତି ରବୀନ୍ଦ୍ରନାଥ ମାହତୋ ନଲା ବିଧାନସଭା ମଣ୍ଡଳୀରୁ ପ୍ରାର୍ଥି ହୋଇଛନ୍ତି । ଗଣ୍ଡେ ଆସନରୁ କଳ୍ପନା ସୋରେନ ନିର୍ବାଚନ ଲଢ଼ିବେ । ଆର୍.ଜେ.ଡି. ମୁଖ୍ୟ ସଂଜୟ କୁମାର ସିଂହ ଯାଦବ ହୁସେନବାଦରୁ ଏବଂ ପୂର୍ବତନ ମନ୍ତ୍ରୀ ସୁରେଶ ପାଶୱାନ୍ ଦେଓଘର ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । ଝାଡ଼ଖଣ୍ଡ ବିଧାନସଭା ନିର୍ବାଚନ ପାଇଁ ଇଣ୍ଡି ମେଣ୍ଟର ଦଳ ଗୁଡ଼ିକ ମଧ୍ୟରେ ହୋଇଥିବା ଆସନ ବୁଝାମଣା ଅନୁଯାୟୀ ଝାଡ଼ଖଣ୍ଡ ମୁକ୍ତି ମୋର୍ଚ୍ଚା ଏବଂ କଂଗ୍ରେସ ୭୦ଟି ଆସନରୁ ନିର୍ବାଚନ ଲଢୁଥିବା ବେଳେ ଆର୍.ଜେ.ଡି. ଓ ସି.ପି.ଆଇ.ଏମ୍.ଏଲ୍. ୧୧ଟି ଆସନରୁ ପ୍ରତିଦ୍ୱନ୍ଦ୍ୱିତା କରିବେ । କଂଗ୍ରେସ ଇତିମଧ୍ୟରେ ୨୧ ଜଣଙ୍କ ନାମ ଦଳୀୟ ପ୍ରାର୍ଥି ଭାବେ ଘୋଷଣା କରିଥିବା

ବେଳେ ସି.ପି.ଆଇ.ଏମ୍.ଏଲ୍. ଏପର୍ଯ୍ୟନ୍ତ କୌଣସି ପ୍ରାର୍ଥୀଙ୍କ ନାମ ଘୋଷଣା କରିନାହିଁ । ୮୧ ଆସନ ବିଶିଷ୍ଟ ଝାଡ଼ଖଣ୍ଡ ବିଧାନସଭା ପାଇଁ ଆସନ୍ତା ମାସ ୧୩ ଏବଂ ୨୦ ତାରିଖରେ ମତଗ୍ରହଣ କରାଯିବା ସହ ୨୩ ତାରିଖରେ ଭୋଟ୍ ଗଣତି ହୋଇ ଫଳାଫଳ ଘୋଷଣା କରାଯିବ ।

## ସମ୍ଭାବ୍ୟ ବାତ୍ୟା 'ଦାନା'

ଗଭୀର ଅବପାତ ପୂର୍ବ ଓ କେନ୍ଦ୍ରୀୟ ବଙ୍ଗୋପ ସାଗରରେ ବର୍ତ୍ତମାନ କେନ୍ଦ୍ରୀଭୂତ ହୋଇ ରହିଛି । ଏହି ଅବପାତ ପାରାଦ୍ୱୀପର ଦକ୍ଷିଣ-ପୂର୍ବ ଦିଗରେ ୬୭୦ କିଲୋମିଟର ଦୂରରେ ରହିଛି । ସେହିପରି ବାଂଲାଦେଶର ଖେପାପୁରାଠାରୁ ଦକ୍ଷିଣ-ଦକ୍ଷିଣପୂର୍ବ ଦିଗରେ ୭୦୦ କିଲୋମିଟର ଦୂରରେ ରହିଛି । ଆଗକୁ ଏହା ପଶ୍ଚିମ ଓ ଉତ୍ତରପଶ୍ଚିମ ଦିଗରେ ଗତିକରି ଆଜିସୁଦ୍ଧା ସାମୁଦ୍ରିକ ଝଡ଼ରେ ପରିଣତ ହେବାର ସମ୍ଭାବନା ରହିଛି । କ୍ରମେ ଏହା ଉତ୍ତର ଦିଗରେ ଗତିକରି ଆସନ୍ତାକାଲି ଭୀଷଣ ବାତ୍ୟା 'ଦାନା'ର ରୂପ ନେବ ବୋଲି ପାଣିପାଗ ବିଭାଗ ପକ୍ଷରୁ ଆକଳନ କରାଯାଇଛି । ଏହା ଓଡ଼ିଶାର ପୁରୀ ଏବଂ ପଶ୍ଚିମବଙ୍ଗର ସାଗରଦ୍ୱୀପ ମଧ୍ୟରେ ସ୍ଥଳଭାଗ ଅତିକ୍ରମ କରିବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି । ଏହି ସମୟରେ ପବନର ବେଗ ୧୦୦ରୁ ୧୧୦ କିଲୋମିଟର ରହିବ ।

ସମ୍ଭାବ୍ୟ ବାତ୍ୟାର ପ୍ରଭାବରେ ଆଜିଠାରୁ ଶୁକ୍ରବାର ପର୍ଯ୍ୟନ୍ତ ବିଭିନ୍ନ ଓଡ଼ିଶାର ଉପକୂଳକୁ ଜିଲ୍ଲାରେ ଅତିପ୍ରବଳ ବର୍ଷା ହେବା ନେଇ ପାଣିପାଗ

ବିଭାଗ ପକ୍ଷରୁ ସତର୍କ ସୂଚନା ଜାରି କରାଯାଇଛି । ଆଜି ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, ଜଗତ୍‌ସିଂହପୁର ଓ ପୁରୀ ଜିଲ୍ଲାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି । ସେହିଭଳି ଆସନ୍ତାକାଲି ମୟୂରଭଞ୍ଜ, କଟକ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡା ଓ ଜଗତ୍‌ସିଂହପୁର ଜିଲ୍ଲାରେ ପ୍ରବଳରୁ ଅତିପ୍ରବଳ ବର୍ଷା ହେବା ନେଇ ସତର୍କ ସୂଚନା ଜାରି କରାଯାଇଛି ।

ସମ୍ଭାବ୍ୟ ବାତ୍ୟା ପାଇଁ ରାଜ୍ୟର ସମସ୍ତ ବନ୍ଦର ଲାଗି ୧ନମ୍ବର ବିପଦ ସଙ୍କେତ ଜାରି କରାଯାଇଛି । ଅପରପକ୍ଷରେ ବାତ୍ୟାକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ପକ୍ଷରୁ ଆସନ୍ତା ୩ ଦିନ ପାଇଁ ୨୨୦ଟି ଟ୍ରେନ୍ ବାତିଲ କରାଯାଇଛି ।

## ବାତ୍ୟା

୧୪ଟି ଉପକୂଳ ଏବଂ ପଡ଼ୋଶୀ ଜିଲ୍ଲାର ସମସ୍ତ ବିଦ୍ୟାଳୟକୁ ଆଜିଠାରୁ ୩ ଦିନ ପାଇଁ ଛୁଟି ଘୋଷଣା କରାଯିବା ସହ ସମସ୍ତ ନିର୍ଦ୍ଧାରିତ ପରୀକ୍ଷାକୁ ବାତିଲ କରାଯାଇଛି । ଉପକୂଳବର୍ତ୍ତୀ ଜିଲ୍ଲା ଗୁଡ଼ିକରେ ବିଦ୍ୟୁତ୍, ଖାଦ୍ୟ, ଔଷଧ ଏବଂ ପାନୀୟ ଜଳ ଭଳି ଅତ୍ୟାବଶ୍ୟକ ସୁବିଧା ଥିବା ୮୦୦ରୁ ଅଧିକ ବହୁମୁଖୀ ବାତ୍ୟା ଆଶ୍ରୟ ସ୍ଥଳକୁ ପ୍ରସ୍ତୁତ କରାଯାଇଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୯ଟି ଜିଲ୍ଲାରେ ସମ୍ଭାବ୍ୟ ବାତ୍ୟା ଦାନାର ପରିଚାଳନା ନୀରିକ୍ଷଣ ପାଇଁ ମନ୍ତ୍ରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି । ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ସହିତ ସମନ୍ୱୟ ରକ୍ଷା କରି ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ସବୁ ବିଧାୟକଙ୍କୁ ପରାମର୍ଶ ଦେଇଛନ୍ତି ।

# ଭାରତ-ପାକିସ୍ତାନ କର୍ତ୍ତାରପୁର

ଶ୍ରୀ କର୍ତ୍ତାରପୁର ସାହିବ କରିଡ଼ର ଚୁକ୍ତିର ସମୟସୀମାକୁ ଆଉ ୫ ବର୍ଷ ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ଭାରତ ଓ ପାକିସ୍ତାନ ସହମତ ହୋଇଛନ୍ତି । ଭାରତରୁ କର୍ତ୍ତାରପୁର ସାହିବ କରିଡ଼ର ଦେଇ ଶ୍ରଦ୍ଧାଳୁ ପାକିସ୍ତାନର ନାରୋୱାଲ୍ ସ୍ଥିତ ଗୁରୁଦ୍ୱାର ଦରବାର ସାହିବ କର୍ତ୍ତାରପୁରକୁ ଗସ୍ତ ସୁବିଧା ନିମନ୍ତେ ୨୦୧୯ ଅକ୍ଟୋବର ୨୪ ତାରିଖରେ ଦୁଇ ଦେଶ ମଧ୍ୟରେ ଏହି ଚୁକ୍ତି ସ୍ୱାକ୍ଷରିତ ହୋଇଥିଲା । ଏହାର ବୈଧତା ୫ ବର୍ଷ ରହିଥିଲା । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏକ ବିବୃତ୍ତିରେ କହିଛି, ଏହି ଚିକ୍ତିର ସମୟସୀମା ବୃଦ୍ଧି ଦ୍ୱାରା ପାକିସ୍ତାନର ପବିତ୍ର ଗୁରୁଦ୍ୱାର ଦର୍ଶନ ପାଇଁ ଭାରତୀୟ ଶ୍ରଦ୍ଧାଳୁଙ୍କର କର୍ତ୍ତାରପୁର କରିଡ଼ର ବ୍ୟବହାର ସୁ-ବ୍ୟବସ୍ଥିତ ହୋଇପାରିବ । ତେବେ ତୀର୍ଥ ଯାତ୍ରୀଙ୍କ ଠାରୁ କୌଣସି ଶୁଳ୍କ ଆଦାୟ ନ କରିବାକୁ ଭାରତ ପାକିସ୍ତାନକୁ ଅନୁରୋଧ କରିଛି ।

ସୂଚନା ଯୋଗ୍ୟ ପ୍ରତି ତୀର୍ଥ ଯାତ୍ରୀଙ୍କ ପିଛା ପାକିସ୍ତାନ ୨୦ ଡଲାର୍ ସର୍ଭିସ୍ ଚାର୍ଜ ଆଦାୟ କରିବାକୁ ନିଷ୍ପତ୍ତି ଗ୍ରହଣ କରିଥିଲା । ତୀର୍ଥ ଯାତ୍ରୀଙ୍କ ଦାବିକୁ ଦୃଷ୍ଟିରେ ରଖି ଭାରତ ପକ୍ଷରୁ  ପାକିସ୍ତାନକୁ ଶୁଳ୍କ ଛାଡ଼ କରିବାକୁ ଅନୁରୋଧ କରିଛି ।

ବୈଦେଶିକ ବ୍ୟାପାର ମନ୍ତ୍ରୀ ଡକ୍ଟର ଏସ୍. ଜୟଶଙ୍କର ସାମାଜିକ ଗଣମାଧ୍ୟମ ପୋଷ୍ଟରେ କହିଛନ୍ତି, ନରେନ୍ଦ୍ର ମୋଦୀ ସରକାର ଦେଶର ଶିଖ୍ ସମ୍ପ୍ରଦାୟଙ୍କୁ ତୀର୍ଥ ସ୍ଥାନ ଗସ୍ତ କରିବା ନେଇ ସମସ୍ତ ପ୍ରକାର ସହଯୋଗ ପ୍ରଦାନ ଜାରି ରଖିବେ ।

## ଇଡି ଡ୍ରଗ୍ କେସ୍

ସୀମାପାର ନିଶା କାରବାର ସହ ସମ୍ପୃକ୍ତି ଏବଂ ଆର୍ଥିକ ହେର୍‌ଫେର୍ ମାମଲା ନେଇ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ୬ ଜଣଙ୍କୁ ଗିରଫ୍ କରିଛି । ମୁମ୍ବାଇର ନହଓ୍ବା ସେବା ବନ୍ଦରରୁ ସି.ବି.ଆଇ. ୨୯୩ କିଲୋଗ୍ରାମ୍ ନିଶାଦ୍ରବ୍ୟ ହେରୋଇନ୍ ଜବତ କରିଛି । ଏହି ପରିପ୍ରେକ୍ଷୀରେ ସି.ବି.ଆଇ. ତଦନ୍ତ ମଧ୍ୟ ଜାରି ରଖିଛି । ଦିଲ୍ଲୀ ପୁଲିସ୍‌ର ସ୍ୱତନ୍ତ୍ର ସେଲ୍ ଫରିଦାବାଦ୍‌ର ଦୁଇଟି ଗାଡ଼ି ଏବଂ ଏକ ଫ୍ଲାଟ୍‌ରୁ ପ୍ରାୟ ୩୫୩ କିଲୋଗ୍ରାମ୍ ହେରୋଇନ୍ ଜବତ କରିଛି । ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଦେଇଥିବା ସୂଚନା ଅନୁଯାୟୀ ତଦନ୍ତ ବେଳେ ଆଫ୍‌ଗାନିସ୍ତାନରୁ ଭାରତକୁ ନିଶାଦ୍ରବ୍ୟ ଚୋରା ଚାଲାଣ ସମ୍ପର୍କରେ ଏକ ନେଟ୍‌ଓ୍ବର୍କର ସୂଚନା ମିଳିଛି । ଏଥିରେ ଜଡ଼ିତ ଅଭିଯୋଗରେ ଗିରଫ୍ ହୋଇଥିବା ବ୍ୟକ୍ତିମାନେ ପଞ୍ଜାବ, ହରିଆଣା ଏବଂ ଦିଲ୍ଲୀର ବୋଲି ଜଣାପଡ଼ିଛି । ଚୋରା ଚାଲାଣ ପାଇଁ ଉଚ୍ଚସ୍ତରୀୟ ସ୍ମାର୍ଟ୍ ଫୋନ୍ ଏବଂ ଏନ୍‌କ୍ରିପ୍ଟେଡ୍ ଯୋଗାଯୋଗ ଆପ୍‌ର ବ୍ୟବହାର କରାଯାଇଥିଲା । ଅଭିଯୁକ୍ତଙ୍କ ନାମରେ ଥିବା ଏକାଧିକ ବ୍ୟାଙ୍କ୍ ଆକାଉଣ୍ଟ, ସ୍ଥାୟି ଜମା ଏବଂ ସମ୍ପତ୍ତିକୁ ଜବତ କରାଯାଇଛି ବୋଲି ଇ.ଡି. ସୂଚନା ଦେଇଛି ।

## ହକି ଇଣ୍ଡିଆ ଜର୍ମାନୀ

ଭାରତ ଓ ଜର୍ମାନୀ ମଧ୍ୟରେ ଦ୍ୱିପାକ୍ଷିକ ହକି ପ୍ରତିଯୋଗିତା  ନୂଆଦିଲ୍ଲୀର ମେଜର ଧ୍ୟାନଚାନ୍ଦ୍ ଜାତୀୟ ଷ୍ଟାଡିୟମ୍ ଠାରେ ଆଜିଠାରୁ ଆରମ୍ଭ ହେବ । ଆଜିର ପ୍ରଥମ ମ୍ୟାଚ୍ ଅପରାହ୍ଣ ୨ଟାରେ ଖେଳାଯିବ । ୧୦ ବର୍ଷ ପରେ ଆନ୍ତର୍ଜାତିକ ହକି ପ୍ରତିଯୋଗିତା ଭାରତର ନୂଆଦିଲ୍ଲୀ ଠାରେ ଖେଳାଯାଉଛି ।

ହରମନପ୍ରୀତ ସିଂହଙ୍କ ନେତୃତ୍ୱରେ ଭାରତୀୟ ଦଳ ଏହି ସିରିଜ୍‌ର ଦୁଇଟିଯାକ ମ୍ୟାଚ୍ ଖେଳିବ । ଡିଡି ସ୍ପୋର୍ଟସ୍‌ରେ ଏହି ମ୍ୟାଚ୍‌ର ସିଧାପ୍ରସାରଣ କରାଯିବ । ଦର୍ଶକଙ୍କୁ ଷ୍ଟାଡିୟମ୍‌ରେ ମ୍ୟାଚ୍ ଦେଖିବା ପାଇଁ କୌଣସି ଟିକଟର ବ୍ୟବସ୍ଥା କରାଯାଇନାହିଁ ।

## ଟେନିସ୍

ଭିଏନା ଟେନିସ୍ ଓପନ୍ ପ୍ରତିଯୋଗିତାରେ ଭାରତର ରୋହନ ବୋପନ୍ନା ଏବଂ ତାଙ୍କ ଅଷ୍ଟ୍ରେଲିଆ ଯୋଡ଼ି ମ୍ୟାଥ୍ୟୁ ଏଡ୍‌ବେନ୍ ପୁରୁଷ ମିଳିତ ବର୍ଗର କ୍ୱାର୍ଟର ଫାଇନାଲ୍ ପର୍ଯ୍ୟାୟକୁ ଉନ୍ନିତ ହୋଇଛନ୍ତି । ଲିଗ୍ ପର୍ଯ୍ୟାୟର ଗତକାଲିର ଶେଷ ମ୍ୟାଚ୍‌ରେ ଏହି ଯୋଡ଼ି ଡଚ୍ ଖେଳାଳି ରବିନ୍ ହାସେ ଏବଂ ଜର୍ମାନର ଆଲେକ୍‌ଜ୍ୟାଣ୍ଡାର୍ ଜେବ୍‌ରେଫ୍‌ଙ୍କୁ ପରାସ୍ତ କରିଛନ୍ତି । ଆସନ୍ତାକାଲି ଭାରତ-ଅଷ୍ଟ୍ରେଲିଆ ଯୋଡ଼ି ବ୍ରିଟେନ୍‌ର ନିଏଲ୍ ସ୍କୁପ୍‌ସ୍କି ଏବଂ ନ୍ୟୁଜିଲାଣ୍ଡର ମାଇକେଲ୍ ଭେନସ୍‌ଙ୍କ ଯୋଡ଼ିକୁ ଭେଟିବେ ।